**FOR POSTER**

--------------------

ଗ୍ରାମ ସ୍ତରରେ ବିପର୍ଯ୍ୟୟର ସଫଳ ମୁକାବିଲା, ମହିଳା ଓ ଶିଶୁମାନଙ୍କ ବିକାଶ ତଥା ଗ୍ରାମବାସୀଙ୍କ ପାଇଁ ଅନ୍ୟାନ୍ୟ ସୁଫଳ ହାସଲ କରିବାକୁ ହେଲେ ଆମ ଶାସନବ୍ୟବସ୍ଥାର ତୃଣମୂଳ ସ୍ତରରେ ଥିବା ତଥା ପ୍ରତ୍ୟକ୍ଷ ଗଣତନ୍ତ୍ର ଉପରେ ଆଧାରିତ ହୋଇଥିବା  ପଲ୍ଲୀସଭାକୁ ସବୁପ୍ରକାରେ ସଶକ୍ତୀକରଣ କରିବାକୁ ପଡିବ । ଏଥିସକାଶେ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିମ୍ନୋକ୍ତ ବୈଧାନିକ ଓ ପ୍ରଶାସନିକ ସଂସ୍କାରମାନ ଜରୁରୀ : –

୧) ମୋଟ ସଭ୍ୟସଂଖ୍ୟାର ଅନ୍ତତଃ ଶତକଡା ୬୦ ଜଣଙ୍କ ଉପସ୍ଥିତି ପଲ୍ଲୀସଭାର ବୈଠକ ପାଇଁ କୋରମ୍ ବୋଲି ଗ୍ରହଣ କରାଯାଉ, ଏବଂ ଉପସ୍ଥିତ ସଭ୍ୟସଂଖ୍ୟାର ଅନ୍ତତଃ ଶତକଡା ୫୦ ମହିଳା ହୋଇଥିବେ ବୋଲି ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୫ରେ ବ୍ୟବସ୍ଥା ରଖାଯାଉ ।

୨) ପଲ୍ଲୀସଭାର ଏକ ପ୍ରସ୍ତାବ କି ନିଷ୍ପତ୍ତି କି କର୍ମଯୋଜନାକୁ ଉପରିସ୍ଥ ପ୍ରଶାସନିକ ସ୍ତରରେ କୌଣସି ପ୍ରକାର ଅଦଳବଦଳ ନକରିବା ପାଇଁ ଓ.ଗ୍ରା.ପ.ଆଇନ୍ ୧୯୬୫ରେ ଆବଶ୍ୟକୀୟ ସଂଶୋଧନ ଅଣାଯାଉ ।

୩) ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦଳୀୟ ପ୍ରଭାବରୁ ମୁକ୍ତ ରଖିବା ପାଇଁ ଏହାର ପ୍ରତି ସ୍ତରର ନିର୍ବାଚନରେ ଦଳୀୟ ଟିକେଟ୍, ଦଳୀୟ ସଂକେତ ଓ ଦଳୀୟ ପ୍ରଚାରକୁ ଆଇନ୍‌ଗତ ଭାବେ ନିଷିଦ୍ଧ କରାଯାଉ ।

୪) ସମ୍ବିଧାନର ଏକାଦଶ ଅନୁସୂଚୀ ଏବଂ ଓ.ଗ୍ରା.ପ.ଆଇନ୍ ୧୯୬୫ର ଷଷ୍ଠ ଅଧ୍ୟାୟରେ ଗ୍ରାମ ପଞ୍ଚାୟତକୁ ଦିଆଯାଇଥିବା କ୍ଷମତା ଓ ଦାୟିତ୍ୱକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉ, ପଞ୍ଚାୟତର ନିଜସ୍ୱ ସମ୍ବଳ-ସଂଗ୍ରହ କ୍ଷମତାକୁ ବୃଦ୍ଧି କରାଯାଉ, ତଥା କ୍ଷମତା ଓ ସମ୍ବଳର ଅପପ୍ରୟୋଗ କାରଣରୁ ଯେକୌଣସି ନିର୍ବାଚିତ ପ୍ରତିନିଧିଙ୍କୁ ଯେ କୌଣସି ସମୟରେ ତାଙ୍କ ପଦବୀରୁ ପ୍ରତ୍ୟାହାର କରି ଆଣିବାର ଅଧିକାର ଗ୍ରାମବାସୀମାନଙ୍କୁ ଦିଆଯାଉ ।

୫) ବିପର୍ଯ୍ୟୟ ଘୋଷଣା ନିମନ୍ତେ ବ୍ଲକ୍ ପରିବର୍ତ୍ତେ ଗ୍ରାମ ପଞ୍ଚାୟତକୁ ଗୋଟିଏ ଏକକ ଭାବେ ଗ୍ରହଣ କରାଯାଉ । ଏକ ବିପର୍ଯ୍ୟୟର ଆଶୁ ପର୍ଯ୍ୟାୟରେ ଆବଶ୍ୟକୀୟ ସମସ୍ତ ପ୍ରଶମନମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମ ପଞ୍ଚାୟତକୁ ସବଳୀକରଣ କରିବା ସକାଶେ ଏହା ହାତରେ ଏକ ଜରୁରୀ ବିପର୍ଯ୍ୟୟ ପାଣ୍ଠି ରଖାଯାଉ ।